

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଏବଂ ତାଙ୍କ ଝିଅଙ୍କ ଲାଞ୍ଚ କାରବାରରେ ସଂପୃକ୍ତିର ତଦନ୍ତ ଦାବିକରି ଶନିବାର ଥିରୁଭାନନ୍ତପୁରମ୍‌ଠାରେ ଏଏପି କର୍ମୀମାନେ ରାଜ୍ୟ ସେକ୍ରେଟେରିଏଟ୍ ଆଡକୁ ବିକ୍ଷୋଭ କରି ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

# ବୀରେନ ସିଂଙ୍କୁ ଶୀଘ୍ର ହଟାଯାଉ: ସିପିଆଇ(ଏମ୍)

## ମଣିପୁର ହିଂସା ଘଟଣା

ଇମ୍ଫାଲ,୧୯।୮

ମଣିପୁରରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାରେ ଭାଜପା ସରକାର ବିଫଳ ହୋଇଥିବା ବରିଷ୍ଠ ସିପିଆଇ(ଏମ୍) ନେତା ଜିତେନ୍ଦ୍ର ଚୌଧୁରୀ କହିଛନ୍ତି। ଏଥିନେଇ ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂଙ୍କୁ ଶୀଘ୍ର ହଟାଇବାକୁ ସେ ଦାବି କରିଛନ୍ତି। ସିପିଆଇ(ଏମ୍) ପ୍ରତିନିଧି ଦଳର ସଦସ୍ୟ ତଥା ତ୍ରିପୁରା ୟୁନିଟର ସାଧାରଣ ସମ୍ପାଦକ ଜିତେନ୍ଦ୍ର ଅଭିଯୋଗ କରିଛନ୍ତି ଉତ୍ତର-ପୂର୍ବ ରାଜ୍ୟରେ ଜାତିଗତ ହିଂସା ଭାଜପା-ଆରଏସ୍ଏସ୍ ରଣନୀତିର ଏକ ଅଂଶ ଯାହାକି ଦେଶରେ ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବ। ତେବେ ଜିତେନ୍ଦ୍ରଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ଭାଜପା କହିଛି। ତ୍ରିପୁରା ଭାଜପା ମୁଖପାତ୍ର ସୁବ୍ରତ ଚକ୍ରବର୍ତ୍ତୀ ଜିତେନ୍ଦ୍ରଙ୍କ ମନ୍ତବ୍ୟରେ ସତ୍ୟତା ନ ଥିବା କହିଛନ୍ତି।



ଏନ୍ ବୀରେନ ସିଂ



ସୀତାରାମ ୟେଚୁରି

ରାଜ୍ୟ ଶାନ୍ତି ପଥରେ ଅଛି। ଉତ୍ତର-ପୂର୍ବ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ କେନ୍ଦ୍ର ଓ ମଣିପୁର ସରକାର ଚେଷ୍ଟା କରୁଛନ୍ତି। କେତେକ ଘଟଣା ରିପୋର୍ଟ କରାଯାଉଥିଲେ ମଧ୍ୟ ସାମଗ୍ରିକ ସ୍ଥିତିରେ ସୁଧାର ଆସିଛି। ଅପରପକ୍ଷେ ସିପିଆଇ(ଏମ୍) ମହାସଚିବ ସୀତାରାମ ୟେଚୁରି କହିଛନ୍ତି, ମଣିପୁରରେ ହିଂସାକୁ ଆମେ ଏକ ପୃଥକ ପରିସ୍ଥିତି ଭାବରେ ଦେଖୁନାହୁଁ। ମାତ୍ର ଏଭଳି କାର୍ଯ୍ୟ ଦ୍ୱାରା ଭାଜପା ଲୋକଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ଦେଶର ସବୁ ସ୍ଥାନରେ ଏଭଳି ଘଟଣା ଘଟୁଛି। ଦିନେ ଏକାଠି ବସବାସ କରୁଥିବା ଲୋକେ ଆଜି ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିବାରୁ ମଣିପୁରର ଅବସ୍ଥା ଚିନ୍ତାଜନକ ହେବାରେ ଲାଗିଛି। ଶାନ୍ତି ଆଣିବା କ୍ଷେତ୍ରରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି। ମଣିପୁର ପରିସ୍ଥିତି ଉପରେ କେନ୍ଦ୍ର ନଜର ରଖିଛି ବୋଲି ଯାହା କୁହାଯାଇଆସୁଛି ବାସ୍ତବତା କିନ୍ତୁ ଭିନ୍ନ। କେବଳ ଇସ୍ତଫା ଡ୍ରାମା ପରେ ବୀରେନ ସିଂ ଆଜି ପର୍ଯ୍ୟନ୍ତ ଗାଦି ମାଡ଼ି ବସିଛନ୍ତି। ମଣିପୁରରେ ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ବରଖାସ୍ତ କରିବାକୁ କହୁନାହୁଁ କିନ୍ତୁ ବୀରେନ ସିଂଙ୍କୁ ତୁରନ୍ତ ହଟାଇବାକୁ ଦାବି କରୁଛୁ।


**National Power Training Institute (ER)**
(Ministry of Power, Govt. of India)
City Centre, Durgapur-713216
ADMISSION NOTICE FOR JOB ORIENTED COURSES (2023-2024)

**Spot Admission in Post Graduate Diploma in Power Plant Engineering (PGDC-28th Batch)**
Eligibility : B.E./ B.Tech or equivalent with minimum 60% marks in Mech./Elect./E&E/PWE
Date: 19.08.23 to 01.09.23 (working Days)
Total Seat: 60 (Sixty Only)
Age Limit: No Age Limit
Placement: 100% Placement Assistance
Placement Record: 2020-21-100%, 2021-22-90%, 2022-23-75% (Till July-2023)
Enquiry No : 98755 82379, 92333 50873

**Admission in Post Diploma in Power Plant Engineering (PDC-26th Batch)**
Eligibility : Diploma or equivalent with minimum 60% marks in Mech./Elect./E&E)
Date: Last date for receipt of online application 15.09.23.
Total Seat: 72 (Seventy Two)
Age Limit: No Age Limit
Placement: 100% Placement Assistance
Placement Record: 2020-21-100%, 2021-22-100%, 2022-22-60% (Till July-2023)
Enquiry No : 94344 11405, 70041 05326

For more Enquiry please visit us : www.nptidurgapur.co.in


# ବିଭିନ୍ନ ମନ୍ତ୍ରଣାଳୟର ନିଷ୍ପତ୍ତି ନେଉଛି ଆର୍‌ଏସ୍‌ଏସ୍: ରାହୁଲ

ନୂଆଦିଲ୍ଲୀ,୧୯।୮

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟାର୍ଗେଟ କରିଛନ୍ତି। ଏକ ଭିଡିଓ କ୍ଲିପ୍‌ରୁ ଜଣାଯାଇଛି ଯେ, ରାହୁଲ ଲଦାଖରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନାବେଳେ କହିଛନ୍ତି, କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀମାନେ ନିଷ୍ପତ୍ତି ନେଉନାହାଁନ୍ତି ବରଂ ମନ୍ତ୍ରଣାଳୟରେ କ'ଣ ଘଟିବ ସେନେଇ ଆର୍‌ଏସ୍‌ଏସ୍ ନିଷ୍ପତ୍ତି ନେଉଛି। ଆର୍‌ଏସ୍‌ଏସ୍ ଦେଶରେ ସବୁକିଛି ଚଳାଉଛି। ଆପଣ ଯଦି କେନ୍ଦ୍ର ସରକାରଙ୍କ କୌଣସି ମନ୍ତ୍ରୀଙ୍କୁ ପଚାରନ୍ତି ତେବେ ସେମାନେ ଆପଣଙ୍କୁ କହିବେ ଆର୍‌ଏସ୍‌ଏସ ସଦସ୍ୟ



ପ୍ରକୃତରେ ସେମାନଙ୍କର ମନ୍ତ୍ରଣାଳୟ ଚଳାଉଛନ୍ତି ଆଉ ସବୁକିଛି ପରାମର୍ଶ ଦେଉଛନ୍ତି। ଅପରପକ୍ଷେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଥିଲେ ଆର୍‌ଏସ୍‌ଏସ୍-ଭାଜପାର ଚିନ୍ତାଧାରାରେ ହରଘର ତ୍ରିରଙ୍ଗା ଅଭିଯାନ ଚାଲିଛି। କାରଣ ଆରଏସ୍‌ଏସ୍ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଭାରତ ଛାଡ ଆନ୍ଦୋଳନକୁ ସମର୍ଥନ କରି ନ ଥିଲା। ଭାଜପା-ଆର୍‌ଏସ୍‌ଏସ୍ ବର୍ତ୍ତମାନ ଏକ ନୂତନ ଭାରତ ଛାଡ ଆନ୍ଦୋଳନ ଚଳାଉଛନ୍ତି। ଆଉ ବ୍ୟାଙ୍କ ଠକେଇ ପରେ ଶିଳ୍ପପତିମାନଙ୍କୁ ଦେଶ ଛାଡିବାକୁ ଅନୁମତି ଦିଆଯାଉଛି।

# କାଳିମାଡ଼କୁ ନେଇ ରାଜନୀତି

ଭୁବନେଶ୍ୱର,୧୯।୮(ଅନିଲ ଦାସ)

- ଅସନ୍ତୋଷର ପ୍ରତିଫଳନ: କଂଗ୍ରେସ
- ଗୋଷ୍ଠୀ କନ୍ଦଳ ଏହାର କାରଣ: ଭାଜପା
- ବିକାଶ ପ୍ରକ୍ରିୟାକୁ ଅଟକାଇ ପାରିବ ନାହିଁ: ବିଜେଡି

ପୁରୀ ଜିଲା ସତ୍ୟବାଦୀ ଗସ୍ତ ବେଳେ ଶନିବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଉପରେ କାଳିମାଡ଼ ଘଟଣାକୁ ନେଇ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କେତେକ ରାଜନୈତିକ ଦଳ ଏହାକୁ ନିନ୍ଦା କରିଥିବା ବେଳେ କଂଗ୍ରେସ ଏହାକୁ ଲୋକଙ୍କ କ୍ରୋଧର ପ୍ରତିଫଳନ ବୋଲି କହିଛି। ସେହିପରି ଏହି ଘଟଣା ଗୋଷ୍ଠୀ କନ୍ଦଳର ପ୍ରତିଫଳନ ବୋଲି କହିଛି ଭାଜପା।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଏହା ଜନଅସନ୍ତୋଷ ଓ ଗୋଷ୍ଠୀକନ୍ଦଳର ପ୍ରତିଫଳନ। ବିଜେଡି ଭିତରେ ଅସନ୍ତୋଷ ଯୋଗୁ ଏଭଳି ଘଟଣା ହୋଇଛି। ବିଜେଡି ଓ ଭାଜପା ପରସ୍ପର ଉପରେ ଦୋଷ ଲଦୁଛନ୍ତି। ଲୋକ ଜାଣି ସାରିଛନ୍ତି ବିଜେଡି ଓଡ଼ିଶା ଲୋକଙ୍କ ବଳ ନୁହେଁ ଭାଜପାର ବଳ ବୋଲି ସେ କହିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଉପରକୁ କାଳି ପକାଇବା ଘଟଣାକୁ ନାପସନ୍ଦ କରିଛନ୍ତି। ସେ କହିଛନ୍ତି, ଯେତେବେଳେ ଗଣତନ୍ତ୍ର ଲୋପପାଏ ସେତେବେଳେ ଲୋକମାନଙ୍କ ନିକଟରେ ପ୍ରତିକ୍ରିୟା ହେବା ସ୍ୱାଭାବିକ। ବିରୋଧ କରିବା ଅଧିକାର ସମସ୍ତଙ୍କର ଅଛି। କିନ୍ତୁ ତାହା ଅହିଂସା ଉପାୟରେ ହେବା ଆବଶ୍ୟକ।

ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଏହା ଗୋଷ୍ଠୀକନ୍ଦଳର ପ୍ରତିଫଳନ ହୋଇଛି। ଯେଉଁ ବ୍ୟକ୍ତି କାଳି ଫିଙ୍ଗିଛନ୍ତି ସେ ହେଉଛନ୍ତି ବିଜେଡି କର୍ମୀ। ନିମନ୍ତ୍ରଣ କରାଯାଇ ନ ଥିବାରୁ ସ୍ଥାନୀୟ ବିଧାୟକଙ୍କ ଉପରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଅସନ୍ତୋଷ ଥାଇପାରେ। ଏହା ଦଳୀୟ ନେତା ଓ ଅଫିସରଙ୍କ ଭିତରେ ଥିବା ତିକ୍ତତାର ପରିଣାମ। ଓଡ଼ିଶାରେ ମନ୍ତ୍ରୀ ଏବଂ ବିଧାୟକମାନଙ୍କର କୌଣସି ମୂଲ୍ୟ ନାହିଁ। ଅଫିସରମାନେ ଲୋକଙ୍କ ପଇସାରୁ ଦରମା ନେଇ ବହୁତ ଶକ୍ତିଶାଳୀ ହୋଇଛନ୍ତି।

ବିରୋଧୀ ଦଳ ଏହାକୁ ପ୍ରାୟୋଜିତ ଓ ବିଜେଡିରେ ଥିବା ପୁଞ୍ଜୀଭୂତ ଅସନ୍ତୋଷର ପ୍ରତିଫଳନ କହୁଥିବାବେଳେ ଏହି ଘଟଣା ପାଇଁ ବିଜେଡି ଭାଜପାକୁ ଦାୟୀ କରିଛି। ରାଜ୍ୟର ବିକାଶ ପ୍ରକ୍ରିୟାକୁ କାଳିମାଡ଼ ଅଟକାଇପାରିବ ନାହିଁ। ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଜେଡି ବିଧାୟକ ଓ ଏମ୍‌ପିମାନେ ଟୁଇଟ୍ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କେତେକ ସ୍ଥାନରେ ବିଜେଡି ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡ଼ିଛି ।

ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଘଟଣାକୁ ନିନ୍ଦା କରିବା ସହ ଯେଉଁ ମହିଳା ଜଣକ ଆଗକୁ ଆସି ନିଜ ପଣତକାନିରେ ପାଣ୍ଡିଆନଙ୍କ ମୁହଁପୋଛି ଦେଲେ ତାଙ୍କୁ ପ୍ରଶଂସା କରିଛନ୍ତି । ଆଉ ସମ୍ପୃକ୍ତ କାପୁରୁଷ ଅନୁପ୍ରବେଶକାରୀ ଭୟମିଶ୍ରିତ ଘୃଣା ଓ ଭଲପାଇବା ମଧ୍ୟରେ ପାର୍ଥକ୍ୟ ଜାଣିବା ଉଚିତ ବୋଲି ସେ ଲେଖିଛନ୍ତି ।

ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ କାଳିମାଡ଼ ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି ଯେ ପଣତକାନିରେ ପୋଛିଲେ ପ୍ରତିଶୋଧର କାଳି । ହାତରେ ବାନ୍ଧିଦେଲେ ସୁରକ୍ଷା କବଚ ରାଖୀ । ଭି.କେ. ପାଣ୍ଡିଆନଙ୍କୁ ସାହାଯ୍ୟ କରିବାରେ ଆମ 'ନାରୀ ଶକ୍ତି'ର ତ୍ୱରିତ ପ୍ରତିକ୍ରିୟା ଜନସାଧାରଣଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିବା ତାଙ୍କ ପ୍ରତି ସେମାନଙ୍କର ଅତୁଟ ସମର୍ଥନକୁ ଦର୍ଶାଉଛି । ରାଜ୍ୟ ସରକାରଙ୍କ ନିଷ୍ଠାପର କାର୍ଯ୍ୟର ପ୍ରତିଫଳନ ହେଉଛି ମା'ମାନଙ୍କ ଏହି ଭଲ ପାଇବା। ଯେତେବେଳେ ମା'ମାନଙ୍କର ଆଶୀର୍ବାଦ ଅଛି ସେତେବେଳେ ଏ କାଳିମାଡ଼ ବିକାଶ ପ୍ରକ୍ରିୟାକୁ ଅଟକାଇ ପାରିବନାହିଁ । ଏହା ସତ ଯେ କିଛି ପରିବର୍ତ୍ତନ କରିବାକୁ ହେଲେ ଅନେକ ସମସ୍ୟା ଓ ବାଧାବିଘ୍ନ ଆସେ, କିନ୍ତୁ ତାହାକୁ ଅଣଦେଖା କରି ଆଗକୁ ବଢ଼ିବାକୁ ପଡେ । ଏହି ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

ବିଜେଡି ଏମ୍‌ପି ସୁଜିତ କୁମାର ଏହି ଘଟଣାକୁ ନିନ୍ଦା କରିବା ସହ ଓଡ଼ିଶାର ଲୋକେ ଶାନ୍ତି ଓ ସୌହାର୍ଦ୍ଦ୍ୟର ସମର୍ଥକ । ଆମେ ସ୍ପଷ୍ଟ ଭାବେ ଏହାକୁ ନିନ୍ଦା କରୁଛୁ, ଯାହା ଆମ ରାଜ୍ୟର ଏହି ମୂଲ୍ୟବୋଧ ପ୍ରତି ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି । ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର ଟୁଇଟ୍ କରି କହିଛନ୍ତି, ପାଣ୍ଡିଆନଙ୍କୁ ଓଡ଼ିଶାର ମା', ଝିଅ ଓ ଭଗବାନ ତାଙ୍କ ସୁରକ୍ଷାରେ ଅଛନ୍ତି। ସେମାନଙ୍କ ଆଶୀର୍ବାଦ ରହିଛି ବୋଲି ସେ କହିଛନ୍ତି ।

ବିଜେଡିର ବରିଷ୍ଠ ନେତା ତଥା କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଏହି କାଳିମାଡ଼ ଘଟଣାକୁ ନିନ୍ଦା କରିବା ସହ ତାଙ୍କ ଦଳର ଯୁବ, ଛାତ୍ର, ମହିଳା ସଂଗଠନ ପକ୍ଷରୁ ଭବାନୀପାଟଣାଠାରେ ଏହାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଜ ଫେସ୍‌ବୁକ ମାଧ୍ୟମରେ ସୂଚନା ଦେଇଛନ୍ତି ।

ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ୫-ଟି ସଚିବଙ୍କ ଉପରେ କାଳିମାଡ଼ କରିଥିବା ଭାସ୍କର ସାହୁ ଜଣେ ଭାଜପା କର୍ମୀ । ସେ ଭାଜପା ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ଥିଲେ। କାଳିମାଡ଼ କରି ସେ ଅତି ଘୃଣ୍ୟ କାମ କରିଛନ୍ତି । ସ୍ୱାଭିମାନ ଓ ସଂଗ୍ରାମୀ ମାଟି ସତ୍ୟବାଦୀରେ ଏପରି ଏକ କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ। ବିକାଶ କାର୍ଯ୍ୟକୁ ସହି ନ ପାରି ଭାଜପା କର୍ମୀ ଏଭଳି କାର୍ଯ୍ୟ କରିଛନ୍ତି ବୋଲି ସେ କହିଛନ୍ତି ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୬୫ **ବିଜ୍ଞାପନ** ତା:୦୯।୦୮।୨୦୨୩
No. CAD-1745: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଇଏମ୍-୧୨୩ (EM-123), ବାସନ୍ତୀ କଲୋନୀ, ଫେଜ୍-୨, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଦ୍ରୌପଦୀ ଜୈନ, ସ୍ୱାମୀ: ଛଗନଲାଲ ଜୈନ, ସା/ପୋ.: ତୁଷୁରା, ଥାନା: ତୁଷୁରା, ଜିଲ୍ଲା: ବଲାଙ୍ଗୀରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଦ୍ରୌପଦୀ ଜୈନ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ ସମୀର କୁମାର ଜୈନ, ପିତା: ଛଗନଲାଲ ଜୈନ, ସା/ପୋ.: ତୁଷୁରା, ଥାନା: ତୁଷୁରା, ଜିଲ୍ଲା: ବଲାଙ୍ଗୀରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0298/2324

**ବିଜ୍ଞାପନ**
No. P-02: ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତ, ବରିଷ୍ଠ ସହାୟକ, ପିତା: ମଧୁସୂଦନ ସାମନ୍ତ, ବର୍ତ୍ତମାନ ଠିକଣା: କ୍ୱାର୍ଟର ନଂ. 2RA-8/4, Unit - 9, Road - 7, ଭୁବନେଶ୍ୱର। ସ୍ଥାୟୀ ଠିକଣା: ସା/ପୋ.ଅ.: କାବେରୀ, ବ୍ରହ୍ମପୁର, ଥାନା: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ।
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଗତ ତା୦୧।୧୦।୨୦୦୭ରିଖଠାରୁ ନିଜ ସରକାରୀ କାର୍ଯ୍ୟରେ ବିନା ଦରଖାସ୍ତରେ ଅଣ ଅଧିକୃତ ଭାବେ ଅନୁପସ୍ଥିତ ରହି ଆସୁଛନ୍ତି। ଆପଣଙ୍କର ଦରଖାସ୍ତ ତା୧୪।୦୯।୨୦୧୫ରିଖ ଅନୁଯାୟୀ ଉକ୍ତ ନିର୍ଦ୍ଦେଶାଳୟରୁ ଦୁଇଗୋଟି ପତ୍ର ସଂଖ୍ୟା 13977 ତା04.12.2015ରିଖ ଏବଂ ପତ୍ର ସଂଖ୍ୟା 15015 ତା28.12.2015ରିଖ ନିର୍ଗମନ କରାଯାଇ ତୁମକୁ ଚାକିରିରେ ଯୋଗଦେଇ ତୁମର ଲିଖିତ ମତ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ତନ୍ମଧ୍ୟରୁ ପତ୍ର ସଂଖ୍ୟା 13977 ତା04.12.2015ରିଖ ''ପ୍ରାପକ ଉକ୍ତ ଠିକଣାରେ ନଥିବା'' ମନ୍ତବ୍ୟ ସହ ଫେରି ଆସିଲା। କିନ୍ତୁ ପତ୍ର ସଂଖ୍ୟା 15015 ତା28.12.2015ରିଖର ଉତ୍ତର ଅଦ୍ୟାବଧି ହସ୍ତଗତ ହୋଇନାହିଁ। ଏଣୁ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ (ପନ୍ଦର)ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ବିଜ୍ଞାପନ ମାଧ୍ୟମରେ ଆଦେଶ ଦିଆଯାଉଅଛି। ଏହି ଆଦେଶକୁ ଅବମାନନା କଲେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା, କଟକ
OIPR-14010/11/0001/2324

No.n-161 ANNEXURE I
**Mo School Abhiyan Parichalana Sangathan (MSAPS)**
(A Government of Odisha initiative under School & Mass Education Department)
A1 Block, 6th Floor, Toshali Bhawan, Satya Nagar, Bhubaneswar, Odisha
Email: reachout@moschool.in; Website: www.moschool.in
**Application for the post of Chief Operating Officer (COO), MSAPS**
Mo School Abhiyan Parichalana Sangathan (MSAPS) invites applications from Indian nationals for its **Chief Operating Officer (COO).** MSAPS is a registered society under Department of School and Mass Education, Government of Odisha to provide a platform for individuals, associations, social impact organizations, foundations, philanthropists, CSRs, companies and others for contributing to the development of the school ecosystem in Odisha. The COO will be responsible for leading the school level project development, execution and monitoring in coordination with District Level Committees and other relevant administrative bodies, assist the CEO in Alumni mobilization, fund-raising, project compliance and manage relationships with partners and vendors and ensure professional monitoring and quality control of the projects being implemented state-wide under the Mo School Abhiyan. The engagement is purely contractual and for one year in the first stage.
Application consisting of a cover letter and an up-to-date CV should be sent through email to reachout@moschool.in or through registered post to office of MSAPS by 4th September 2023. For more details of the posts and full job descriptions, visit the Mo School website www. Moschool.in and click on Advertisement for Post of COO, Mo School Abhiyan Parichalana Sangathan. Only applications of short-listed candidates will be acknowledged.
Sd./- Officer on Special Duty
Mo School Abhiyan Parichalana Sangathan
OIPR-27045/11/0028/2324

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
Phone: 06815-222586, Mail ID: dcpo.gajapati.od@nic.in / dcpu.gajapati@gmail.com
ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର (PMRBP) ୨୦୨୪ ନିମନ୍ତେ ବିଜ୍ଞପ୍ତି
ପତ୍ର ସଂଖ୍ୟା: ୧୪୨୪/ଡି.ସି.ପି.ୟୁ. ତାରିଖ: ୧୮।୦୮।୨୦୨୩
No. g-73: ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ବର୍ଗର ଗୁଣସମ୍ପନ୍ନ ଶିଶୁମାନଙ୍କଠାରୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର (PMRBP) ୨୦୨୪ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ବିଭିନ୍ନ ବର୍ଗ ଯଥା କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରିବେଶ, କଳା ଓ ସଂସ୍କୃତି ଏବଂ ଅଭିନବ କ୍ଷେତ୍ରରେ ଦୃଶ୍ୟମାନ ସଫଳତା ହାସଲ କରିଥିବା ଶିଶୁ ଏହି ପୁରସ୍କାର ନିମନ୍ତେ ଆବେଦନ କରିପାରିବେ। ଏହି ପୁରସ୍କାରଗୁଡ଼ିକୁ ଭାରତର ମହାମହିମ ରାଷ୍ଟ୍ରପତି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଦାନ କରିବେ। ଉପରୋକ୍ତ ବର୍ଗରେ ଯୋଗ୍ୟ ଥିବା ଶିଶୁ, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର (PMRBP) ୨୦୨୪ ନିମନ୍ତେ ଅନଲାଇନ୍ ପୋର୍ଟାଲ **http://awards.gov.in** ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ୩୧।୦୮।୨୦୨୩। ଆବେଦନର ସବିଶେଷ ବିବରଣୀ ଜିଲ୍ଲା ୱେବସାଇଟ୍ **www.gajapati.nic.in**ରେ ଉପଲବ୍ଧ।
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଜପତି
OIPR-33024/11/0010/2324

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
UNIT-VIII, BHUBANESWAR
e-mail: theoccltd@odishaconstruction.com
CAD-1753: GSTIN: 21AAACO2571K2ZM
**e-Procurement Notice No. 31/OCCL/2023-24 (on-line)**
Name of work:- Instrumentation Works of Ghatakeswar Multipurpose Project, Total No. of Works:- 01 (One) No., Period of completion: 6 (Six) Calendar months.

| Bid Identification No. | Amount put to Tender (Approx.) (Rs. in Lakhs) | Bid Security (through on-line transfer) (in Rs.) | Availability of Tender (On-line) | Submission of Tender (On-line) |
|---|---|---|---|---|
| OCCL-GMP/03/2023-24 | 197.93 Lakhs | 1.98 Lakhs | 21.08.2023, 3.30 P.M. to 31.08.2023, 5.30 P.M. | 21.08.2023, 3.30 P.M. to 31.08.2023, 5.30 P.M. |

Procurement Officer- Managing Director, OCC Ltd., Bhubaneswar
Date of opening of the Technical Bid: **01.09.2023, 12.00 Noon.**
Further detail can be seen from the Govt. website (www.tendersodisha.gov.in)
OIPR-34120/11/0043/2324 Sd./- Managing Director

GOVERNMENT OF ODISHA
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
ID: ee.randbjyp@gmail.com
**e-Procurement Notice**
Bid Identification No. S.E. (R&B) - 11/2023-24/JYP(K)
No. 6353 Date: 16.08.2023
No. B-716: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in**.
1. Name of the Work : Building Works as mentioned in DTCN
2. No. of Works : 4 Nos.
3. Estimated Cost : Rs.9.34 lakhs to Rs.17.47 lakhs
4. Period of Completion : Two Months to Three Months
5. Date & Time of Bidding : From 11.00 hours of 23.08.2023 upto 17.00 hours of 01.09.2023
6. Last date & time for receipt of bids in portal : 17.00 hours of 01.09.2023
7. Bids received online shall be opened on : 11.00 hours of 02.09.2023
8. Name and address of the Officer Inviting Bid : Executive Engineer, Jeypore (R&B) Division, Jeypore.

Further details can be seen from the **www.tendersodisha.gov.in**.
Sd./- Executive Engineer
Jeypore (R&B) Division
OIPR-34027/11/0012/2324

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**
1) ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2023-T-170
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ରେଳୱେ ଷ୍ଟେସନ ଏବଂ ସେବା ଭବନଗୁଡ଼ିକରେ ଉପଲବ୍ଧ ବିଭିନ୍ନ କ୍ଷମତା ବିଶିଷ୍ଟ ଯାତ୍ରୀ ଲିଫ୍ଟ ଗୁଡ଼ିକର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 4,20,143.04, EMD (₹): 8,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 1,180/-, ଶେଷ ହେବା ଅବଧି : LOA ଜାରି ହେବାର 36 (ଛତିଶ) ମାସ ।
2) ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2023-T-171
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବ୍ଲକ୍ ସଂଖ୍ୟା E/41-48 (16 ୟୁନିଟ୍)ରେ ସେକ୍ସନ୍-D ରେ ଟାଇପ୍-I କୁ ଟାଇପ୍-II କ୍ୱାର୍ଟରରେ ପରିବର୍ତ୍ତନ କରିବା ସମ୍ବନ୍ଧିତ ବିଦ୍ୟୁତୀୟ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 4,42,838.00, EMD (₹): 8,900.00, ଶେଷ ହେବା ଅବଧି : LOA ଜାରି ହେବାର 12 (ବାର) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.09.2023ରିଖ 1630 ଘଟିକା (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-470/O/23-24

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/23-24/E-Tender/65 ତା.10.08.2023ରିଖ
(1) ଟେଣ୍ଡର ସଂ. e-tender-eastkur-188-2023, ତା.07.08.2023ରିଖ
ବିବରଣୀ : କ୍ୟାରେଜ୍ ଏବଂ ୱାଗନ ଡିପୋ (C&W) / ପାରାଦ୍ୱୀପର ADB ୟାର୍ଡ୍, ଏକ୍ସଚେଞ୍ଜ ୟାର୍ଡ୍ ଏବଂ ସିମେଣ୍ଟ କଂକ୍ରିଟ୍ (CC)ୟାର୍ଡ୍ ଠାରେ ଆଲୋକ ସୁବିଧା ଏବଂ ୱେଲ୍ଡିଙ୍ଗ୍ ପଏଣ୍ଟଗୁଡ଼ିକ ନିମନ୍ତେ ପାଥୱେର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 469.34 ଲକ୍ଷ, EMD (₹) : 3,84,700.00 ।
(2) ଟେଣ୍ଡର ସଂ. etendernorthkur-189-2023, ତା.07.08.2023ରିଖ
ବିବରଣୀ : ଭଦ୍ରକ ଏବଂ ଯାଜପୁର କେନ୍ଦୁଝର ଷ୍ଟେସନ ଠାରେ 8 bay ପ୍ଲାଟଫର୍ମ ସେଲ୍ଟର ବ୍ୟବସ୍ଥା (ଯାଜପୁର କେନ୍ଦୁଝର ରୋଡ଼ ଠାରେ ପ୍ଲାଟଫର୍ମ ନଂ. 2 & 3 ରେ 3 bay ଏବଂ ଭଦ୍ରକ ଷ୍ଟେସନ ଠାରେ ପ୍ଲାଟଫର୍ମ ନଂ.3&4 ରେ 2 bay ଏବଂ ପ୍ଲାଟଫର୍ମ ନଂ.1&2 ରେ 3 bay ପ୍ଲାଟଫର୍ମ ସେଲ୍ଟର) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 136.89 ଲକ୍ଷ, EMD (₹) : 2,18,500.00 ।
(3) ଟେଣ୍ଡର ସଂ. e-Tender-NORTHKUR-192-2023, ତା.08.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଉତ୍ତର) ପରିସୀମା ଅଧୀନସ୍ଥ ବାଉଦପୁର-ଭଦ୍ରକ ମଧ୍ୟରେ କି.ମି. 291/1-5 ଠାରେ ପୋଲ ନଂ. 361 (UP) ର ପିଅର୍ସ ଏବଂ ଏବଟ୍‌ମେଣ୍ଟର ପ୍ରସ୍ତାବିତ ଜ୍ୟାକେଟିଙ୍ଗ୍ ଏବଂ ଅନ୍ୟ ରକ୍ଷଣ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 238.06 ଲକ୍ଷ, EMD (₹) : 2,69,000.00 ।
ଶେଷ ହେବା ଅବଧି : 10 (ଦଶ) ମାସ (କ୍ର. ସଂ. 1 ଏବଂ 3 ନିମନ୍ତେ), 09 (ନଅ) ମାସ (କ୍ର. ସଂ. 2 ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.30.08.2023ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-468/O/23-24

## ସଂକ୍ଷେପରେ

### ବିଦ୍ୟାଳୟରେ ଆଇନ ସଚେତନତା ଶିବିର

ଫୁଲବାଣୀ, ୧୯।୮ (ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ ବଇଡା ସ୍ଥିତ ଦିନାରସିଂ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ସଚିବ ଅନୁଶୀଳା ରଏ, ଉପ-ଆରକ୍ଷୀ ଆଧିକ୍ଷକ କମଳକାନ୍ତ ପଣ୍ଡା, ମୁଖ୍ୟ ଲିଗାଲ ଏଡ ଡ଼ିଫେନ୍ସ କାଉନସେଲ ଜୟନ୍ତୀ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ନନ୍ଦିତା କୁମାରୀ, ଅଶୋକ କୁମାର ପ୍ରଧାନ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟଲାଲ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୋକସୋ ଆଇନ, ଜୁଭେନାଇଲ ଜଷ୍ଟିସ ଆଇନ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

### ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

କୋଦଳା, ୧୯।୮ (ଅମିତ କୁମାର ପଟ୍ଟନାୟକ): ବେର୍ଗୁନିଆପଡ଼ା ଥାନା ଅନ୍ତର୍ଗତ ସାଙ୍କୁଡ଼ା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ହେଲେ କସ୍ତୁରୀ ପଲାଇ। ଘଟଣାରେ ସ୍ୱାମୀ ସୁକାନ୍ତ ପଲାଇକୁ ପୋଲିସ ଗିରଫ ରଖିଛି। ଶୁକ୍ରବାର କସ୍ତୁରୀଙ୍କ ଝୁଲନ୍ତା ମୃତଦେହ ଘର ଭିତରୁ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଜବତ କରିଥିଲେ। ପୁରୁଷୋତ୍ତମପୁର ଏସଡିପିଓ ପହଞ୍ଚି ତଦନ୍ତ କରିଛନ୍ତି। ୧୪ବର୍ଷ ପୂର୍ବେ ସାଙ୍କୁଡ଼ା ଗ୍ରାମର ସୁକାନ୍ତଙ୍କ ସହ ପୁରୁଷୋତ୍ତମପୁର ଥାନା ଧୋବାପଲ୍ଲୀ ଗ୍ରାମର କସ୍ତୁରୀଙ୍କ ବିବାହ ହୋଇଥିଲା। ବିବାହ ପରେ ଉଭୟଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ଫଳରେ କସ୍ତୁରୀ ଗତ ଅଢେଇ ବର୍ଷ ହେଲା ନିଜ ବାପା ଘରେ ରହୁଥିଲେ। ତେବେ ଉଭୟଙ୍କ ମଧ୍ୟରେ ବୁଝାସୁଝା ହେବା ପରେ କସ୍ତୁରୀ ଗତ ୧୦ଦିନ ହେଲା ଶାଶୂଘର ସାଙ୍କୁଡ଼ା ଆସିଥିଲେ। ଶୁକ୍ରବାର ପୁଣି ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା ଏବଂ ଅପରାହ୍ନରେ କସ୍ତୁରୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ତେବେ କସ୍ତୁରୀଙ୍କୁ ହତ୍ୟା କରି ଫ୍ୟାନରେ ଓହଳାଇ ଦେଇଥିବା କସ୍ତୁରୀଙ୍କ ମା' ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।

### ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ଦାବିପତ୍ର

ଛତ୍ରପୁର, ୧୯।୮ (ସନ୍ତୋଷ ପାଢ଼ୀ): ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ତରଫରୁ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶନିବାର ଛତ୍ରପୁରଠାରେ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ପ୍ରତିଟି ଗରିବ ଲୋକଙ୍କ ଘରେ ଉଜ୍ଜ୍ୱଳା ଗ୍ୟାସ ଯୋଗାଇ ଦିଆଗଲା। ଫଳରେ କୋଟି କୋଟି ଲୋକ ଉପକୃତ ହେଲେ । ଏହା ଆମ ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ । ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକୁ ସାକାର କରିବାପାଇଁ ଉଜ୍ଜଳା ଦିଦିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନେ ମଧ୍ୟ ସରକାରଙ୍କ ଏହି ଯୋଜନାକୁ ସଫଳ କରିବା ଦିଗରେ ସହଯୋଗର ହାତ ବଢ଼ାଇଥିଲେ ବୋଲି କୁହାଯାଇଛି। ଦାବିଗୁଡିକ ମଧ୍ୟରେ ଉଜ୍ଜ୍ୱଳା ଦିଦିମାନଙ୍କୁ କାର୍ଯ୍ୟ ଦେବା ସମୟରେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କାର୍ଯ୍ୟକାରୀ କରିବା, ସମସ୍ତ ଉଜ୍ଜଳା ଦିଦିମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଗାଇ ଯୋଗାଇବା, ଉଜ୍ଜ୍ୱଳା ଦିଦିମାନଙ୍କୁ କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗାଇ ଦେବା ସହ ପାରିଶ୍ରମିକ ଯୋଗାଇ ଦେବା ଦାବି ରହିଛି।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ପାରଳାଖେମୁଣ୍ଡି, ୧୯।୮ (ଗିରିଧାରୀ ପରିଛା)

ଶ୍ରୀକାକୁଲମ ଜଲା ବୁଡୁତି ଗ୍ରାମ ନିକଟରେ ଶନିବାର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାରଳାଖେମୁଣ୍ଡି ୱାର୍ଡ ନଂ ୧୨ କାମ୍ପ ସାହିର ନିଡିମିଟି ଦାମୟନ୍ତି (୪୮)। ଦାମୟନ୍ତି ଓ ତାଙ୍କ ପୁତୁରା ନାଡୀମିଟି ମୋହନ ଓ ଆଉ ଦୁଇଜଣ ପରିବାର ସଦସ୍ୟ ଜଣେ ସମ୍ପର୍କୀୟ ମୃତ କାର୍ଯ୍ୟରେ ଯୋଗ ଦେଇ ଶ୍ରୀକାକୁଲମରୁ ଫେରୁଥିଲେ। ଡ୍ରାଇଭର ଭାବେ ତାଙ୍କ ପୁତୁରା ଗାଡି ଚଳାଉଥିଲେ। ବୁଡୁତି ଗ୍ରାମ ନିକଟରେ ହଠାତ ଗୋଟିଏ ଝିଟିପିଟି ମୋହନଙ୍କ ଗୋଡ଼ ଉପରେ ଚଢ଼ି ଚାଲିଗଲା। ସେ ଚମକିପଡି ଗାଡିର ସନ୍ତୁଳନ ହରାଇବାରୁ ରାସ୍ତା କଡରେ ଥିବା ଗୋଟିଏ କେନାଲ ମଧ୍ୟକୁ ଗାଡିଟି ଖସି ପଡ଼ିଥିଲା। ଫଳରେ ଗାଡ଼ିରେ ବସିଥିବା ୪ଜଣ ଆହତ ହୋଇଥିଲେ। ସେମାନଙ୍କୁ ନାରସନାପେଟ ଚିକିତ୍ସାଳୟ ନେବା ସମୟରେ ରାସ୍ତାରେ ଦମୟନ୍ତିଙ୍କ ମୃତ୍ୟୁ ଘଟିଥିଲା।

# ପ୍ରେମିକ ଶିକ୍ଷକଙ୍କୁ ଭେଟିବାକୁ ଯାଇ ଛାତ୍ରୀଙ୍କ ଜୀବନ ଗଲା

ବେଲଗୁଣ୍ଠା, ୧୯।୮ (କୃଷ୍ଣଚନ୍ଦ୍ର ପଟ୍ଟନାୟକ):

## ହତ୍ୟା ଅଭିଯୋଗ କଲେ ବାପା

ପ୍ରେମିକ ଟ୍ୟୁଶନ ଶିକ୍ଷକଙ୍କୁ ଭେଟିବାକୁ ଯାଇ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ତେବେ ପ୍ରେମଜନିତ ସମ୍ପର୍କକୁ ନେଇ ଛାତ୍ରୀଙ୍କୁ ଟ୍ୟୁଶନ ଶିକ୍ଷକ ହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶିକ୍ଷକଜଣଙ୍କ ଫେରାର ହୋଇଯାଇଛନ୍ତି। ଏପରି ଘଟଣା ଘଟିଛି ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ମୁଜାଗଡ଼ ଗ୍ରାମରେ।
ଅଭିଯୋଗ ଅନୁସାରେ, ୨୦୦୪ରେ ସୋରଡ଼ା ଅଞ୍ଚଳର ଶ୍ୟାମଘନ ଗୌଡ଼ ମୁଜାଗଡ଼ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ମୁଜାଗଡ଼ ଗ୍ରାମର ଫିରୋଜକାନ୍ତ ସାହୁଙ୍କ ନାବାଳିକା ଝିଅ ଜ୍ୟୋତିରେଖାଙ୍କୁ ଶିକ୍ଷକ ଶ୍ୟାମଘନ ସେତେବେଳେ ଟ୍ୟୁଶନ କରୁଥିଲେ। ପାଠପଢ଼ା ଭିତରେ ଶିକ୍ଷକ ଓ ଛାତ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରଲୋଭନ ଦେଖାଇ ଶିକ୍ଷକ ଶ୍ୟାମଘନ ଜ୍ୟୋତିରେଖାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ୨୦୧୯ରେ ଶ୍ୟାମଘନ ମୁଜାଗଡ଼ରୁ ବଦଳି ହୋଇ କ୍ଷତ୍ରିୟବରପୁର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଚାଲି ଯାଇଥିଲେ। ଏହାପରେ ସେ ଅନ୍ୟତ୍ର ବିବାହ କରିଥିଲେ ମଧ୍ୟ ଜ୍ୟୋତିରେଖାଙ୍କୁ ପ୍ରେମ ଜାଲରେ ବାନ୍ଧି ରଖିଥିଲେ। ଶନିବାର ଭୋର ସମୟରେ ଜ୍ୟୋତିରେଖା ଘରେ କାହାକୁ କିଛି ନ ଜଣାଇ କୁଆଡ଼େ ପଳାଇ ଯାଇଥିଲେ। ସକାଳ ପ୍ରାୟ ୯ଟାରେ ଶ୍ୟାମଘନ ଜ୍ୟୋତିରେଖାଙ୍କ ମୋବାଇଲରୁ ତାଙ୍କ ବାପା ଫିରୋଜକାନ୍ତଙ୍କୁ ଫୋନ୍ କରି ଝିଅ ବିଷ ଖାଇଦେଇଥିବା ଏବଂ ସେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣାଇଥିଲେ। ଫିରୋଜକାନ୍ତ ଗୋବରା ମେଡିକାଲ୍‌ରେ ପହଞ୍ଚି ତାଙ୍କ ଝିଅର ମୃତଦେହ ପଡିଥିବା ଦେଖିଥିଲେ। ଡାକ୍ତରଙ୍କଠାରୁ ବିଷକ୍ରିୟା ଯୋଗୁ ଜ୍ୟୋତିରେଖାଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ତେବେ ଶ୍ୟାମଘନ ନିଜ ରାସ୍ତାରୁ କଣ୍ଟା ହଟାଇବା ପାଇଁ ଜ୍ୟୋତିରେଖାଙ୍କୁ ବିଷ ଦେଇ ମାରିଦେବା ସହିତ କୁଆଡ଼େ ଫେରାର ହୋଇଯାଇଥିବା ନେଇ ଫିରୋଜକାନ୍ତ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଗୋବରା ମେଡିକାଲ୍‌ରେ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ଏମ୍‌କେସିଜି ଏଫ୍‌ଏମ୍‌ଟିକୁ ପଠାଇବା ସହିତ ୬୧୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜ୍ୟୋତିରେଖାଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ତନରଡା ରଘୁନାଥ ମନ୍ଦିରର ପୁନରୁଦ୍ଧାର ଦାବି

## ୨୭ରେ ଭଞ୍ଜନଗର ଆସିବେ ୫-ଟି ସଚିବ



ତନରଡା ରଘୁନାଥ ମନ୍ଦିର।

ଭଞ୍ଜନଗର, ୧୯।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାର ସମସ୍ତ ମନ୍ଦିର ଗୁଡିକର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। କିନ୍ତୁ ବିଭିନ୍ନ କାରଣ ଯୋଗୁ ଅନେକ ମନ୍ଦିର ସରକାରୀ ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ରହିଛି। ଏହିଭଳି ପରିସ୍ଥିତିରେ ବେଲଗୁଣ୍ଠା ବ୍ଲକ ତନରଡା ରଘୁନାଥ ମନ୍ଦିରର ବିକାଶ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ମନ୍ଦିରଟି ପ୍ରାୟ ୧୫୦ ବର୍ଷ ତଳର ପୁରୁଣା ମନ୍ଦିର। ବର୍ତ୍ତମାନ ଉକ୍ତ ମନ୍ଦିରଟି ଅବହେଳିତ ଅବସ୍ଥାରେ ଅଛି। ଅର୍ଥ ଅଭାବ ଯୋଗୁ ତାହାର ପୁନରୁଦ୍ଧାର ହୋଇପାରୁନାହିଁ। ତେଣୁ ମନ୍ଦିରର ବିକାଶ ପାଇଁ ଦୃଷ୍ଟି ଦେବାକୁ ସମ୍ପୃକ୍ତ ଗ୍ରାମର ରାମହରି ପାତ୍ରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ୫-ଟି ସଚିବ ଏବଂ ଗଞ୍ଜାମ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମନ୍ଦିରକୁ ଲାଗି ଥିବା ଧର୍ମଶାଳା, ଫୁଲ ଉଦ୍ୟାନ, ଭଣ୍ଡାର ଗୃହର ମଧ୍ୟ ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।
ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ ପାଣ୍ଡିୟାନ ଆସନ୍ତା ୨୭ରେ ଭଞ୍ଜନଗର ଗସ୍ତରେ ଆସିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଯାଇଛି। ବିଡିଓ ଶଶିଭୂଷଣ ମହାପାତ୍ର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆରେ ହେବାକୁ ଥିବା ହେଲିପ୍ୟାଡ ଅଞ୍ଚଳ ବୁଲି ଦେଖିଥିଲେ। ସାଧାରଣ ସଭା ପାଇଁ ମଧ୍ୟ କେଏସୟୁବି କଲେଜ ପଡିଆ ଏବଂ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ପଡିଆ ବୁଲି ଦେଖିଥିଲେ।

# ଯୁବ ସମ୍ପ୍ରଦାୟକୁ ରୋଜଗାର ଦେଇଛି ମାଛ

କବିସୂର୍ଯ୍ୟନଗର, ୧୯।୮ (କୃପାସିନ୍ଧୁ ସ୍ୱାଇଁ)



ଏକ ଭିନ୍ନ କୌଶଳ ମାଧ୍ୟମରେ ଯୁବ ସମ୍ପ୍ରଦାୟକୁ ରୋଜଗାର ଦେଇଛି ଜିଅନ୍ତା ମାଛ। କବିସୂର୍ଯ୍ୟନଗର ଗୋଲାମୁଣ୍ଡୁଳା ମୁଖ୍ୟ ରାସ୍ତା କଡରେ ବିକ୍ରି ଚାଲିଛି ଜିଅନ୍ତା ମାଛ । ଏହା ପୁଣି ଅଭିନୟ ଉପାୟରେ। ଗୋଲାମୁଣ୍ଡୁଳା ଗାଁର ୩ ଦାଦନ ଶ୍ରମିକ ସୁରଟ ଫେରନ୍ତା ଓଡ଼ିଆ ଯୁବକ। ସେମାନେ ହେଲେ ଦୁଇ ସାଙ୍ଗ ରମଣ ମାହୁନ୍ତ (୩୨) ଓ ସନ୍ତୋଷ କୁମାର ମାହୁନ୍ତ (୩୮) ଏବଂ ତାଙ୍କ ସହଯୋଗୀ ସୁଜିତ ସ୍ୱାଇଁ (୩୦) । ୟୁ ଟ୍ୟୁବ ଦେଖି ଗ୍ରାହକଙ୍କୁ ସଜ ବା ଜିଅନ୍ତା ମାଛ ଯୋଗାଇଦେବାରେ ପ୍ରୟାସ କରିଥିଲେ। ଏଥିରେ ବି ସେମାନେ ସଫଳତା ପାଇଥିଲେ । ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟକୁ ପ୍ରେରଣା ଯୋଗାଇଥିଲେ । ଦଶ ଫୁଟ ବ୍ୟାସର ଏକ କୂଅ କରିବା ସହ ଗଭୀରତା ୧୦ ଫୁଟ ରଖିଥିଲେ । ଏହାର ପରିସୀମାକୁ ତାରବାଡ ଓ ପାଲଦ୍ୱାରା ଆଚ୍ଛାଦିତ । ମୋଟର ସାହାର୍ଯ୍ୟରେ ପାଣି ଅଧା ଭର୍ତ୍ତିକରି ସେଥିରେ ପ୍ରାୟ ୫୦କେଜିରୁ ଊର୍ଦ୍ଧ୍ୱ ମାଛ। ଦୀର୍ଘ ସମୟ ମାଛ ବଞ୍ଚି ରହିବା ପାଇଁ ନିୟମିତ ପାଣି ନିଷ୍କାସନ କରିବା ପାଇଁ ପାଇପ ବନ୍ଦୋବସ୍ତ କରାଯାଇଛି। ଏହା ସହ ଅକ୍ସିଜେନ ମୋଟର ଓ ପାଇପ ସହାୟତାରେ ଅମ୍ଳଜାନ ଯୋଗାଣ ହୋଇଥାଏ । କିଲୋ ପିଛା ୧୦ଟଙ୍କା ବାବଦରେ ଦିନକୁ ୫୦କେଜିରେ ୫୦୦୦ପାରିଶ୍ରମିକ ପାଉଥିବା କହନ୍ତି। ତେବେ ଏଭଳି ଏକ ଅଭିନୟ ପ୍ରୟାସ ଆତ୍ମନିର୍ଭରଶିଳ ହୋଇପାରିଥିବା ତିନି ବନ୍ଧୁ କହିଛନ୍ତି।

# ସ୍କୁଟି ସହ ଦେଶୀମଦ ଜବତ, ଜଣେ ଗିରଫ

ଖଲ୍ଲିକୋଟ, ୧୯।୮ (ପ୍ରଶାନ୍ତ କୁମାର ମିଶ୍ର): ଚୋରା ଦେଶୀମଦ ଗୁହାରିଆପାଟ ଅଞ୍ଚଳରୁ କୋଦଳା ଅଭିମୁଖେ ଶନିବାର ଚାଲାଣ ହେଉଥିବା ବେଳେ ଖଲ୍ଲିକୋଟ ପୋଲିସ ଚଢ଼ାଉ କରିଥିଲା। ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ହୃଷୀକେଶ ସାମଲ, କନେଷ୍ଟବଳ ନନ୍ଦ କିଶୋର ମାରାଣ୍ଡି, ଶାନ୍ତନୁ କୁମାର ପ୍ରଧାନ, ସୁନାମ ମାଝି ମୁକୁନ୍ଦପୁର ଛକରେ ଚଢ଼ାଉ କରି ୭୦ ଲିଟର ମଦ ସହ ଗୋଟିଏ ସ୍କୁଟିକୁ ଜବତ କରିଥିଲେ। ଚୋରା ଚାଲାଣ ଅଭିଯୋଗରେ କୋଦଳା ଥାନା ମଠ ବ୍ରହ୍ମପୁର ଗ୍ରାମର ରଶ୍ମି ରଞ୍ଜନ ବେହେରାଙ୍କୁ ଗିରଫ କରିଥିଲେ।

# କୃଷି ସେବା ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଫୁଲବାଣୀ, ୧୯।୮ (ରାକେଶ କୁମାର ରାଉତ)/ ପାରଳାଖେମୁଣ୍ଡି (ଗିରିଧାରୀ ପରିଛା)



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

କନ୍ଧମାଳ ଜିଲା କୃଷି ସେବା ସଂଘ ତରଫରୁ କ୍ୟାଡର ପୁନର୍ବିନ୍ୟାସ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ବିଗତ ୨ ବର୍ଷ ଧରି ଓଡିଶା କୃଷି ସେବା କ୍ୟାଡରର ପୁନର୍ବିନ୍ୟାସ ଦାବି ପରେ ମଧ୍ୟ ସରକାର ଆଜି ଯାଏ କିଛି ପଦକ୍ଷେପ ନେଉ ନାହାନ୍ତି । ଫଳରେ କୃଷି ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସୀମିତ ଅଧିକାରୀଙ୍କ ଉପରେ ଅତ୍ୟଧିକ ଚାପ ଦିଆଯାଇ ସମସ୍ତ ନୂତନ ଓ ପ୍ରଚଳିତ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଯାଉଛି। ବହୁଦିନ ଧରି ବିଭାଗରେ ପଦବୀ ଗୁଡିକ ଖାଲି ରହିବା ସହ ନୂତନ ନିଯୁକ୍ତି ହେଉ ନାହିଁ । ଫଳରେ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ସମୟାନୁସାରେ ପଦୋନ୍ନତି ଜନିତ ସମସ୍ୟା ମଧ୍ୟ ନିରନ୍ତର ଭାବେ ପରିଲକ୍ଷିତ ହେଉଛି। ରାଜ୍ୟ କୃଷି ବିଭାଗରେ ଯୋଜନା ଉପରେ ଯୋଜନା ହେଉଛି । କାଳିଆ, ବଳରାମ, ଫସଲ ବୀମା, କୃଷକ ଓଡ଼ିଶା, ଯାନ୍ତ୍ରିକ କୃଷି, ଡିଜିଟାଲ କୃଷି, ପ୍ରତିକୂଳ ଜଳବାୟୁ ସହ୍ୟ କୃଷି, ଅର୍ଥକାରୀ ଫସଲ ମିଶନ୍, କ୍ଷୁଦ୍ରଶସ୍ୟ ମିଶନ୍, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ପ୍ରକ୍ରିୟା ଆଦି ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାକୁ ଅଧିକାରୀମାନେ ଚାଷୀଙ୍କ ପାଖରେ ପହଁଚାଉଛନ୍ତି। କିନ୍ତୁ କର୍ମଚାରୀଙ୍କ ଦାବିକୁ ଅଣଦେଖା କରାଯାଉଛି । ୨୦-୨୫ ବର୍ଷ ଧରି ଗୋଟିଏ ପଦବୀରେ ରହି ଅଧିକାରୀମାନେ ଅବସର ନେଉଛନ୍ତି । ଭାରତ ସରକାରଙ୍କ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ୨୦୧୬ରେ ପ୍ରଚଳିତ ବିଜ୍ଞପ୍ତି ଅନୁସାରେ କୃଷି ଭିତିକ ଶିକ୍ଷାକୁ ଏକ ବୃତିଗତ ଶିକ୍ଷାର ମାନ୍ୟତା ପ୍ରଦାନ କରାଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ବୃତିଗତ ଶିକ୍ଷା ପ୍ରାପ୍ତ କ୍ୟାଡର୍ ମାନଙ୍କ ସହ ସମକକ୍ଷ କରି, କୃଷି ବିଭାଗ ଅଧିକାରୀଙ୍କୁ ଗ୍ରୁପ 'ଏ' ରେ ନିଯୁକ୍ତି ଦିଆଯିବା ପାଇଁ କୃଷି ଅଧିକାରୀଙ୍କ ଦୀର୍ଘଦିନରୁ ଦାବି ରହି ଆସିଛି । ବିଗତ ଦୁଇ ଦଶନ୍ଧି ମଧ୍ୟରେ ବହୁ ବିଭାଗୀୟ ପରୀକ୍ଷାଗାର ସ୍ଥାପନ ସହ କୃଷକ ମଙ୍ଗଳକାରୀ ଯୋଜନାସମୂହର କାର୍ଯ୍ୟକାରିତା ପାଇଁ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ କରାଯାଇଛି। କିନ୍ତୁ ସେହି ଅନୁପାତରେ କ୍ୟାଡରରେ ଗୋଟିଏ ମଧ୍ୟ ନୂତନ ପଦବୀ ସୃଷ୍ଟି କରାଯାଇନାହିଁ । ଏହି ସବୁ ପ୍ରତିକୂଳ ପରିସ୍ଥିତିରେ ଓଡିଶା କୃଷି ସେବା ସଂଘ ବିଗତ ୨ ବର୍ଷ ଧରି ଓଡିଶା କୃଷି ସେବା କ୍ୟାଡରର ପୁନର୍ବିନ୍ୟାସ ପାଇଁ ବାରମ୍ବାର ଦାବି କରି ଆସୁଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।
ସେହିପରି ଓଡିଶା କୃଷି ସେବା ସଂଘ ଗଜପତି ଶାଖାର ପ୍ରତ୍ୟେକ ସଦସ୍ୟ ଏକ ଅଭିଯୋଗ ପତ୍ର ଶନିବାର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଜରିଆରେ ପ୍ରେରଣ କରିଛନ୍ତି। ସରକାରଙ୍କଠାରୁ ନ୍ୟାୟଚିତ ପଦକ୍ଷେପ ନମିଳିଲେ ଆସନ୍ତା ଅଗଷ୍ଟ ୩୧ତାରିଖ ଠାରୁ ସମୂହ କାର୍ଯ୍ୟବନ୍ଦ ଡାକରା ସହ ସମୂହ ଛୁଟିର ସଂଘ ଚେତାବନୀ ଦେଇଛି।

# ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମ



ଚାରା ରୋପଣ କରାଯାଉଛି।

ଦାରିଙ୍ଗବାଡି, ୧୯।୮ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରଶ୍ମିମାଳ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଜୟ ରଣ ସିଂ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ରଶ୍ମିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବରାଜ ବଳିୟାର ସିଂ ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଭାସ୍କରଚରଣ ନାୟକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ହାବିଲଦାର ବୁଲୁ ନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରସନ୍ନ ସିଂ, ଇତିହାସ ବିଭାଗ ଅଧ୍ୟାପକ ରାଜକିଶୋର ସିଂ, ପବିତ୍ର ମୋହନ ବାସୁପତି, ମଧୁସୂଦନ ପାଢ଼ୀ, ମନୋରଞ୍ଜନ ବଳିୟାର ସିଂ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ କୁମାର ବେହେରା ଦଳାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲାର ସହିଦ ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ଏବଂ ମୟୁରଭଞ୍ଜ ମାଟିର ସହିଦ ଯବାନ ନୁଦୁରାମ ସୋରେନଙ୍କ ସ୍ମୃତି ପାଇଁ ଚାରା ରୋପଣ କାର୍ଯ୍ୟ କରାଯାଇଥିଲା। ଇତିହାସ ବିଭାଗର ଅଧ୍ୟାପିକା ଲଳିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବହେଳିତ ଅବସ୍ଥାରେ ଦୁଗୁଡି ଅଙ୍ଗନୱାଡି କେନ୍ଦ୍ର

ଜି.ଉଦୟଗିରି, ୧୯।୮ (ଶିଶିର ପଟ୍ଟନାୟକ):

ଜି.ଉଦୟଗିରି ଏନଏସି ୧ ନମ୍ବର ୱାର୍ଡ ଦୁଗୁଡି ଅଙ୍ଗନୱାଡି କେନ୍ଦ୍ର ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୦ ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ହୋଇନାହିଁ। କେନ୍ଦ୍ର ଘରର ରଙ୍ଗ ଛାଡିଯାଇଛି। ଛୋଟ ଛୋଟ ପିଲା ପଢୁଥିବା ବେଳେ ଶିଉଳି ଚାରିଆଡେ ମାଡିଯାଇଛି। ଏପରିକି ଲଟା ବୁଦା ସଫା ନହେବା ଫଳରେ ବର୍ଷା ଦିନେ ସାପ ଭୟ ମଧ୍ୟ ରହିଛି। ଏତଦବ୍ୟତୀତ କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ବିଦ୍ୟୁତ ସରବରାହ ଆଜି ପଯ୍ୟନ୍ତ ହୋଇ ପାରିନାହିଁ। ଫଳରେ କୁନି କୁନି ପିଲାମାନେ ଅସ୍ୱାସ୍ଥ୍ୟକର ପରିବେଶରେ ପାଠ ପଢିବା ସହିତ ଖାଦ୍ୟ ଖାଉଛନ୍ତି। କୋମଳମତି ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଅଙ୍ଗନୱାଡ଼ି କେନ୍ଦ୍ର ପରିସର ନିର୍ମଳ ରଖିବା ସହିତ ଘର ମରାମତି କରିବା ପାଇଁ ଦାବି ହେଉଛି।

# ବିଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା, ୧୯।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଦୁଇଦିନିଆ ବିଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆରମ୍ଭ ହୋଇଛି। ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ସୁବାସ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତି, ମୁଖ୍ୟବକ୍ତା ଅଧ୍ୟାପକ ସୁରଜ କୁମାର ପାଣିଗ୍ରାହୀ, ଶିକ୍ଷାବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗର ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସହ-ନିରୀକ୍ଷକ ପଦ୍ମନାଭ ସାମଲ ଏବଂ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନ ଓ ପ୍ରଧାନାଚାର୍ଯ୍ୟ ଶରତଚନ୍ଦ୍ର ମୁନି ପ୍ରମୁଖ ମଞ୍ଚାସୀନ ଥିଲେ। ମେଳାରେ ଗଞ୍ଜାମ ବିଭାଗ ଅନ୍ତର୍ଗତ ୬ଟି ସଂକୁଳ ଆସିକା, ବ୍ରହ୍ମପୁର, ଛତ୍ରପୁର, ପାରଳାଖେମୁଣ୍ଡି, ଖଲ୍ଲିକୋଟ ଏବଂ ଫୁଲବାଣୀ ବିଭାଗ ଅନ୍ତର୍ଗତ ୩ଟି ସଂକୁଳ ବାଲିଗୁଡା, ଭଞ୍ଜନଗର ଓ ଫୁଲବାଣୀ ଜିଲାର ସମୁଦାୟ ୨୧୬ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ମେଳାରେ ୩୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜାଗା

କୋଦଳା, ୧୯।୮ (ଅମିତ କୁମାର ପଟ୍ଟନାୟକ)

## ଭେଣ୍ଡିଂଜୋନ୍ ନିର୍ମାଣ ହୋଇ ବି କାର୍ଯ୍ୟକ୍ଷମରେ ବିଳମ୍ବ



ଜବରଦଖଲରେ ସରକାରୀ ସ୍ଥାନ ।

ରାଜ୍ୟ ସରକାର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲୀ ମନୋଭାବ କିମ୍ବା ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ କେତେକ ସ୍ଥାନରେ ଟଙ୍କା ଖର୍ଚ୍ଚ ହୋଇପାରୁନି ତ ଅନ୍ୟ କେତେକ ଯୋଜନା ଲୋକଙ୍କ କାର୍ଯ୍ୟରେ ଆସୁନି। କୋଦଳା ଏନଏସିରେ ବହୁ ସରକାରୀ ଜାଗା ଜବରଦଖଲ କରାଯାଇ ସ୍ଥାୟୀ ଦୋକାନ ଏବଂ ଉଠା ଦୋକାନ ହୋଇଛି। କୋଦଳା ବିଦ୍ୟାଳୟ ନିକଟରେ ଏବଂ ପୋଖରୀ ନିକଟରେ କୌଣସି ଦୋକାନ ବଜାର ରହିବାକୁ ନିୟମ ନଥିବା ବେଳେ ଏହାର ବ୍ୟତିକ୍ରମ ଦେଖାଦେଇଛି। କୋଦଳା ମୁଖ୍ୟ ରାସ୍ତାର ଜାଖାଙ୍ଗିଆ ପୋଖରୀ ପାର୍ଶ୍ୱରେ ଜବରଦଖଲରେ ପରିବା ବଜାର ରହିଛି, ଯାହାକି ମୁଖ୍ୟ ରାସ୍ତା ଉପରେ ପ୍ରବଳ ଗହଳି ହେଉଛି। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯିବାରେ ଅସୁବିଧା ସୃଷ୍ଟି ହେଉଛି। ମେଡିକାଲକୁ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡି ଯିବାଆସିବା ବେଳେ ଟ୍ରାଫିକ ଜାମ୍‌ରେ ଫସି ରହୁଛି। ସେହିପରି କୋଦଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଚେରିକୁ ଲାଗି ବିଭିନ୍ନ ଦୋକାନ ଜବରଦଖଲରେ ଥିବାରୁ ଛାତ୍ରୀଛାତ୍ରମାନେ ସୁରକ୍ଷିତ ମଣୁନାହାନ୍ତି। ସେପଟେ କିଛି ଦିନ ପୂର୍ବରୁ ଦେୱାନ ପୋଖରୀ ପାର୍ଶ୍ୱରେ ଥିବା କିଛି ଦୋକାନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବା ବେଳେ ବର୍ତ୍ତମାନ ଜବରଦଖଲ କରିଥିବା ଦୋକାନୀଙ୍କୁ ୧୦ଫୁଟ ପଛକୁ ଘୁଞ୍ଚାଇବାକୁ ସ୍ଥାନୀୟ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ତେବେ ଏହିପରି ସମସ୍ୟା ହେତୁ ଗତ ୨୦୧୦ରେ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଚ୍ଛେଦ ହିତାଧିକାରୀଙ୍କ ପାଇଁ କୌଣସି ସ୍ଥାୟୀ ବଜାର ଗୃହ ନିର୍ମାଣ ହୋଇନଥିବାରୁ ପୁନର୍ବାର ଏହିସବୁ ସ୍ଥାନକୁ ଜବରଦଖଲ କରିଥିଲେ। ଗତ ୨୦୨୦-୨୧ଆର୍ଥିକ ବର୍ଷରେ ଅର୍ବାନ ଇନଫ୍ରା ମାଧ୍ୟମରେ ବସଷ୍ଟାଣ୍ଡ ନିକଟରେ ୨୨ଲକ୍ଷ ୩୭ହଜାର ବ୍ୟୟରେ ସ୍ଥାୟୀ ଭେଣ୍ଡିଂଜୋନ ନିର୍ମାଣ ନିମନ୍ତେ ବିଭିନ୍ନ ମହିଳା ସଂଘ ନାମରେ କାର୍ଯ୍ୟାଦେଶ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନି। ସେହିପରି ଲକ୍ଷାଧିକ ଟଙ୍କା ବ୍ୟୟରେ ଦଶଃଖରା ସାହି ନିକଟରେ ଭେଣ୍ଡିଂଜୋନ୍ ନିମନ୍ତେ ଦୋକାନ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଦୋକାନୀଙ୍କୁ ଦିଆଯାଉନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରିକୁ ଲାଗି ୧୬ଟି ଦୋକାନ ଗୃହ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉନାହିଁ। ସେପଟେ ପରିବା ବ୍ୟବସାୟୀମାନେ କୋଦଳା ତହସିଲଦାର ସସ୍ମିତା ଶତପଥୀଙ୍କୁ ଭେଟି ସ୍ଥାୟୀ ବଜାର ପାଇଁ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରିବାକୁ ଦୋକାନୀମାନେ ଦାବି କରିଛନ୍ତି।

**ଅଭୟକାନ୍ତ ପାଠକଙ୍କ ନାଁରେ ଚାର୍ଜସିଟ୍ ଦାଖଲ**

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କ ନାଁରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶନିବାର ଭୁବନେଶ୍ୱରର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ୩୦୦ ପୃଷ୍ଠାର ଏହି ଚାର୍ଜସିଟ୍‌ରେ ୪୦ଜଣ ସାକ୍ଷୀଙ୍କ ନାଁ ମଧ ଉଲ୍ଲେଖ ରହିଥିବା ମଧ ଜଣାପଡିଛି। ଏହାସହ ୧ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ ପାଇଁ ଆବେଦନ ହୋଇଛି। ଚାର୍ଜସିଟ୍ ଫଳରେ ଏହି ମାମଲାରେ ଖୁବ୍‌ଶୀଘ୍ର ଶୁଣାଣି ହୋଇପାରିବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୧୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁକ୍ତ ୩ କଲେଜ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ବଡ଼ବଜାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ଶନିବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଏମକେସିଜି ମେଡିକାଲରେ ଡାକ୍ତରୀ ମଇନା କରାଯାଇଛି। ସେହିପରି କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଲକ୍ଷ୍ମୀନଗରର ଅମିତ ମହାନ୍ତି। ଶନିବାର ଅମିତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ପ୍ରକାଶ ଯେ, ଅମିତ ମହାନ୍ତି ଜଣେ ଯୁକ୍ତ ୩ ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିଲେ। ଛାତ୍ରୀ ଜଣକ କଲେଜ ଯାଉଥିବା ବେଳେ ତାଙ୍କୁ ଅପହରଣ କରି ନେଇ ଏକ ଘରେ ରଖିଥିଲେ। ଏହାପରେ ଥଣ୍ଡା ପାନୀୟରେ ନିଶା ଦେଇ ତାଙ୍କୁ ଅଚେତ କରି ତାଙ୍କର ଅସଂଯତ ଅବସ୍ଥାର ଅଶ୍ଳୀଳ ଫଟୋ ଓ ଭିଡିଓ କରିଥିଲେ। ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଭୟ ଦେଖାଇ ଛାତ୍ରୀଙ୍କୁ ଅନେକ ଥର ତାଙ୍କ ଇଛା ବିରୋଧରେ ବଳାତ୍କାର କରିଥିଲେ। ଏପରିକି ତାଙ୍କ ଇଛା ବିରୋଧରେ ତାଙ୍କୁ ଭୁବନେଶ୍ୱର ନେଇ ସେଠାରେ ବିବାହ କରିଥିଲେ। ଭଉଣୀ ନିଖୋଜ ଥିବା ନେଇ ତାଙ୍କ ଭାଇ ଗତ ଜୁଲାଇ ମାସରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଯୁବତୀଙ୍କୁ ଉଦ୍ଧାର କରିବା ସହ ତାଙ୍କ ବୟାନକୁ ଆଧାର କରି ଯୁବକଙ୍କୁ ବଳାତ୍କାର ମମଲାରେ ଗିରଫ କରିଛି।



ଗିରଫ ଅଭିଯୁକ୍ତ।

### ବିଇଏମ୍‌ସି ମେୟରଙ୍କ ଶାଶୁଙ୍କ ପରଲୋକ

ବ୍ରହ୍ମପୁର,୧୯।୮(ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇଙ୍କ ଶାଶୁ ତଥା ଗଞ୍ଜାମ ଜିଲା ବିଜେଡି ଉପସଭାପତି ଭୀମସେନ ଦଳେଇଙ୍କ ମା' ହେମ ଦଳେଇଙ୍କ ଏମକେସିଜି ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୨ ବର୍ଷ ହୋଇଥିଲା। ଏହି ଶତାୟୁ ମହିଳାଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଅନେକ ବ୍ୟକ୍ତି ମେଡିକାଲ ଏବଂ ତାଙ୍କ ବିଜିପୁର ବାସଭବନକୁ ଯାଇ ଶେଷ ସମ୍ମାନ ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି। ହେମଙ୍କ ବିୟୋଗରେ ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବିଇଏମସି ଡେପୁଟି ମେୟର ବିବେକ ରେଡ୍ଡିଙ୍କ ସମେତ ବିଜେଡି ନେତା ଓ କର୍ମୀମାନେ ଗଭୀର ଶୋକ ପ୍ରକାଶ ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଏମ୍‌କେସିଜିରେ ଚିକିତ୍ସା ଅବହେଳା ଅଭିଯୋଗ, ବାରଣ୍ଡାରେ ପ୍ରସବ

ବ୍ରହ୍ମପୁର,୧୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲରେ ଶନିବାର ଜଣେ ପ୍ରସୂତି ବଡ଼ଡାକ୍ତରଖାନା ବାରଣ୍ଡାରେ ପିଲା ଜନ୍ମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ପ୍ରସୂତିଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ମା' ଏସ୍. କାଲାମ୍ମା ଓ ତାଙ୍କ ନବଜାତ ଶିଶୁପୁତ୍ର ସୁସ୍ଥ ଅଛନ୍ତି। ଗୋପାଳପୁର ଥାନା ଅନ୍ତର୍ଗତ ନୂଆଗୋଳାବନ୍ଧ ଗ୍ରାମର ଏସ୍. ଭୀମରାଜୁଙ୍କ ପତ୍ନୀ କାଲାମ୍ମା ଗର୍ଭବତୀ ହେବା ପରେ ସିଟି ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଉଥିଲା। ଶନିବାର କାଲାମ୍ମାଙ୍କୁ ପ୍ରସବ ବେଦନା ହେବାରୁ ପରିବାରବର୍ଗ ତାଙ୍କୁ ସିଟି ହସ୍ପିଟାଲ୍ ନେଇଥିଲେ। ସେଠାରୁ ତାଙ୍କୁ ବଡ଼ଡାକ୍ତରଖାନାକୁ ରେଫର୍ କରି ଦିଆଯାଇଥିଲା ବୋଲି କାଲାମ୍ମାଙ୍କ ମାମୁ ଏସ୍. ଧନରାଜୁ କହିଛନ୍ତି। ବଡ଼ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ତାଙ୍କୁ ନିଆଯାଇଥିଲା। ହେଲେ ବେଡ୍ ନଥିବା କହି ସେଠାରେ ତାଙ୍କୁ ଭର୍ତ୍ତି କରାଯାଇ ନଥିଲା। ପରେ ଆସିବାକୁ କହି କାଲାମ୍ମାଙ୍କୁ ଫେରାଇ ଦିଆଯାଇଥିଲା ବୋଲି ମାମୁ ଧନରାଜୁ ଅଭିଯୋଗ କରିଛନ୍ତି। ଏହାପରେ ପରିବାରବର୍ଗ କାଲାମ୍ମାଙ୍କୁ ଧରି ବାହାରକୁ ଆସୁଥିବା ବେଳେ ପ୍ରଥମ ମହଲାରେ ଥିବା ଲେବର୍ ରୁମ୍ ବାରଣ୍ଡାରେ କାଲାମ୍ମା ଯନ୍ତ୍ରଣା ଅନୁଭବ କରିଥିଲେ। ସେଠାରେ ସେ ପିଲା ଜନ୍ମ କରିଥିଲେ। ଏହା ଦେଖି ପରିବାରବର୍ଗ ଓ କର୍ମଚାରୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଭିତରକୁ ନେଇଥିଲେ। ବର୍ତ୍ତମାନ ଉଭୟେ ସୁସ୍ଥ ରହିଛନ୍ତି। ଏ ସମ୍ପର୍କରେ ବଡ଼ଡାକ୍ତରଖାନା ମ୍ୟାନେଜର୍ ଡି. ଶରତ ବାବୁ କହନ୍ତି, ମହିଳାଙ୍କ ସାଧାରଣ ପ୍ରସବ ହୋଇଛି। ପ୍ରସବ ପୂର୍ବରୁ ତାଙ୍କୁ ଲେବର୍ ରୁମ୍ ବାହାରେ କିଛି ସମୟ ଚାଲିବା ପାଇଁ ଡାକ୍ତର ପରାମର୍ଶ କରିଥିଲେ। ପ୍ରସବ ସମୟ ହେବାରୁ ତାଙ୍କୁ ତୁରନ୍ତ ଲେବର୍ ରୁମକୁ ନିଆଯାଇଥିଲା। ବାରଣ୍ଡାରେ ପ୍ରସବ ହୋଇ ନାହିଁ ବୋଲି ମ୍ୟାନେଜର୍ କହିଛନ୍ତି।



ଏସ୍. କାଲାମ୍ମା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ଅଶୋକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ



ବିଶ୍ୱ ଫଟୋଗ୍ରାଫି ଦିବସ ପାଳନରେ ଉପସ୍ଥିତ ଅଧ୍ୟାପକ ଓ ଅତିଥି।

ବ୍ରହ୍ମପୁର,୧୯।୮(ତନୁଶ୍ରୀ ନାହାକ)

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣଯୋଗଯୋଗ ବିଭାଗ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ବିଭାଗୀୟ ସେମିନାର କକ୍ଷଠାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରଫେସର ଗଣେଶ ସେଠ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସେଲିବ୍ରିଟି ଫଟୋଗ୍ରାଫର ରବି ରେଡ୍ଡୀ ଯୋଗ ଦେଇଥିଲେ। ଫଟୋଗ୍ରାଫର ଏକ୍ସପର୍ଟ ରବି ରେଡ୍ଡୀ କ୍ୟାମେରା ବିଷୟରେ ବିସ୍ତୃତ ଭାବରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହା ସହ କ୍ୟାମେରାର ବିଭିନ୍ନ ପାର୍ଟସ, ସଟର୍ ସ୍ପିଡ୍, ଆପେରେଚର ଓ ଆଇଏସ୍‌ଓର ବ୍ୟବହାର ସମ୍ପର୍କରେ କହିଥିଲେ। ପରେ ପ୍ରାକ୍ଟିକାଲ କକ୍ଷରେ କ୍ୟାମେରାକୁ ବ୍ୟବହାର କରି ଛାତ୍ରୀଛାତ୍ରଙ୍କୁ ଦେଖାଇଥିଲେ। ସେହିପରି ବିଭାଗୀୟ ମୁଖ୍ୟ ପ୍ରଫେସର ସେଠ ସାମ୍ବାଦିକତା କ୍ଷେତ୍ରରେ କ୍ୟାମେରାର ଉପଯୋଗିତା ଓ ଫଟୋଗ୍ରାଫିର ବ୍ୟବହାରିକତା, ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ।

ପୂର୍ବରୁ ଅନୁଷ୍ଠିତ ହୋଇଥିବା ସ୍ମାର୍ଟଫୋନ୍ ଫଟୋଗ୍ରାଫି ପ୍ରତିଯୋଗିତାର ଫଳ ଘୋଷଣା କରାଯାଇଥିଲା। ଏଥିରେ ଫାର୍ମାସୀ ବିଭାଗର ଛାତ୍ର ଶ୍ରୀତମ ସେଠି ପ୍ରଥମ, ପରିବେଶ ବିଜ୍ଞାନ ବିଭାଗର ଛାତ୍ର ବିଶ୍ୱଜିତ ସାମନ୍ତରାୟ ଦ୍ୱିତୀୟ ସ୍ଥାନ ଏବଂ ସାମ୍ବାଦିକ ଗଣ ଯୋଗାଯୋଗ ବିଭାଗର ଛାତ୍ର ଜ୍ୟୋତିରଞ୍ଜନ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସହକାରୀ ଅଧ୍ୟାପକ ଅଗ୍ନି କୁମାର ବେହେରା ଓ ସୌରଭ ପ୍ରକାଶ ଶିଟ୍ ପରିଚାଳନା କରିଥିଲେ। ଏଥିରେ ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ଲକ୍ଷେ ଜରିମାନା

**ଗଞ୍ଜେଇ ଚାଲାଣ ମାମଲା**

ବ୍ରହ୍ମପୁର,୧୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ ରାଜକୁମାର ଦାଶ ଶନିବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ କନ୍ଧମାଳ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ବନ୍ଧାଗୁଡ଼ା ଗ୍ରାମର ଶୁକ୍ରସେନ ଦିଗାଲ (୪୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ବିବରଣୀରୁ ପ୍ରକାଶ, ୨୦୨୨ ମଇ ୧ ତାରିଖରେ ଅବକାରୀ ଗୁଇନ୍ଦା ଟିମ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ -୧୬ ରେ ଯାନବାହନ ଯାଞ୍ଚ କରୁଥିଲା। ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର (ଓଡ଼ି ୦୫ଏଡବ୍ଲ୍ୟୁ-୨୪୭୧)କୁ ଅଟକାଇବାରୁ ତା ଭିତରୁ ଦୁଇଟି ବସ୍ତାରେ ଥିବା ୫୦କେଜି ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଶୁକ୍ରସେନ ଦିଗାଲଙ୍କୁ ଗିରଫ କରି ଅବକାରୀ ପୋଲିସ କୋର୍ଟଚାଲାଣ କରିଥିଲେ। ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ହୃଦୟ ଚନ୍ଦ୍ର ସାମନ୍ତ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ମାମଲାର ବିଚାର ଚାଲିଥିବା ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନରେଶ ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

# ବୋଲେରୋ ସହ ୧୨୬୦ କିଲୋ ଭାଙ୍ଗ ଜବତ, ଜଣେ ଗିରଫ



ଗିରଫ ଅଭିଯୁକ୍ତ ସହ ଜବତ ଭାଙ୍ଗ ଓ ବୋଲେରୋ।

ବ୍ରହ୍ମପୁର,୧୯।୮(ସୁବାସ ଚନ୍ଦ୍ର ପାଢ଼ୀ)

**ଗଜପତିରୁ ପୁରୀ ହେଉଥିଲା ଚାଲାଣ**

ଜାତୀୟ ରାଜପଥ ଦେଇ ଭାଙ୍ଗ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ ଶନିବାର ସନ୍ଧ୍ୟାରେ ହଳଦିଆପଦର ଛକରେ ଯାନବାହନ ଯାଞ୍ଚ କରୁଥିଲା। ଅବକାରୀ ଉପ ଅଧିକ୍ଷକ କୁବେର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଜାତୀୟ ରାଜପଥରେ ଏକ ବୋଲେରୋ ଗାଡ଼ି (ଓଡ଼ି୦୭ ଏଆର-୨୬୧୫)କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ୧୨୬୦ କେଜି ଭାଙ୍ଗ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଭାଙ୍ଗ ଚାଲାଣ ଅଭିଯୋଗରେ ଗଜପତି ଜିଲା ଲୁହାଗୁଡ଼ି ନିକଟ କେତାପଙ୍କ ଗ୍ରାମର ଲାଇବେରା ଦଳବେହେରା(୨୦)ଙ୍କୁ ଗିରଫ କରାଯାଇଛି। ସେ ଉକ୍ତ ଭାଙ୍ଗ ଗଜପତିରୁ ବେଆଇନ ଭାବେ ଜାତୀୟ ରାଜପଥ ଦେଇ ପୁରୀ ଚାଲାଣ କରୁଥିଲା ବୋଲି ଟିମ ଜେରା ବେଳେ ଜାଣିବାକୁ ପାଇଛି। ଜବତ ଭାଙ୍ଗ ଓ ଗାଡିର ମୂଲ୍ୟ ୨୦ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଏହି ଚଢଉରେ ଅବକାରୀ ଗୁଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ସବ ଇନ୍ସପେକ୍ଟର ଅଜିତ କୁମାର ନାୟକ, ଏଏସ୍ଆଇ ବ୍ରଜ ବିହାରୀ ନାୟକ, କନେଷ୍ଟେବଳ କପିଳାସ ଭତ୍ରା, କୁମୁଦ ପ୍ରଧାନ, ସନ୍ତୋଷ କୁମାର ନାୟକ, ବଳରାମ ଜେନା, ସରୋଜ କୁମାର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ଅଳକାପୁରୀ ହତ୍ୟା ମାମଲା, ଡାକ୍ତରଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୧୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଅଳକାପୁରୀ ରହୁଥିବା ସୁରଜା ବେହେରାଙ୍କୁ ୨୦୨୨ ଫେବୃଆରୀ ୨୪ ସନ୍ଧ୍ୟାରେ ହତ୍ୟା କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ କରିଥିବା ଡାକ୍ତର ଆଶିଷ କୁମାର ଶୁକ୍ଳା ଶନିବାର କୋର୍ଟରେ ହାଜର ହୋଇଥିଲେ। ମୃତ ସୁରଜା ବେହେରାଙ୍କ ବାମ ପାଖ ବେକରେ ଗଭୀର କ୍ଷତ, ପେଟରେ ୬ଟି ଗଭୀର କ୍ଷତ ଓ ବାମ ହାତ କଟିରେ ଗଭୀତ କ୍ଷତ ହୋଇଥିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଶୁକ୍ଳା ତାଙ୍କ ବୟାନରେ କହିଥିବା ଜଣାପଡିଛି। ଏଡିଜେ -୩ ରାଜକୁମାର ଦାସଙ୍କ କୋର୍ଟରେ ତାଙ୍କର ବୟାନ ରେକର୍ଡ଼ ହୋଇଥିଲା। ପୂର୍ବରୁ ମୃତ ମହିଳାଙ୍କ ସ୍ୱାମୀ ବିଜୟ କୁମାର ବେହେରା ଓ ଅନ୍ୟଜଣେ ମୃତଦେହ ପଞ୍ଚନାମା ବେଳେ ଉପସ୍ଥିତ ଥିବା ଶ୍ରୀନିବାସ ପଣ୍ଡାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହି ମାମଲାରେ ମୋଟ ୩୨ ଜଣ ସାକ୍ଷୀ ରହିଥିବା ବେଳେ ଏଯାବତ ୨୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇସାରିଛି ବୋଲି ଅତିରିକ୍ତ ପିପି ରଜତ କୁମାର ଦାସ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୩୦ ତାରିଖରେ ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କୋର୍ଟରେ ହାଜର ହୋଇ ତାଙ୍କ ବୟାନ ରଖିବେ ବୋଲି ଦିନ ଧାର୍ଯ୍ୟ ହୋଇଥିବା ଏପିପି ଦାସ ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି ସଦର ଥାନା ଅନ୍ତର୍ଗତ ଅଳକାପୁରୀ ୭ମ ଲାଇନରେ ବିଜୟ କୁମାର ବେହେରା ଓ ତାଙ୍କ ସ୍ତ୍ରୀ ସୁରଜା ବେହେରା ରହୁଥିଲେ। ତାଙ୍କ ପୁଅ ରଶ୍ମିରଞ୍ଜନ ବେହେରା ଭୁବନେଶ୍ୱରରେ ରହୁଥିଲେ। ୨୦୨୨ ଫେବୃଆରୀ ୨୪ ତାରିଖ ସନ୍ଧ୍ୟାରେ ବିଜୟ କୁମାର ବେହେରା ସନ୍ଧ୍ୟା ଭ୍ରମଣ ପାଇଁ ଘରୁ ବାହାରିଥିଲେ। ତାଙ୍କ ସ୍ତ୍ରୀ ସୁରଜା ଘର ସମ୍ମୁଖ ଗ୍ରୀଲରେ ତାଲା ଦେଇ ଘର ଭିତରକୁ ଯାଇଥିଲେ। ବିଜୟ ଘରକୁ ଫେରି ତାଙ୍କ ସ୍ତ୍ରୀଙ୍କୁ ଗ୍ରୀଲ ତାଲା ଖୋଲିବାକୁ କହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସୁରଜା ଘର ଭିତରୁ ଆସିନଥିଲେ। ତେଣୁ ବିଜୟଙ୍କ ସନ୍ଦେହ ହୋଇଥିଲା। ପରେ ସେ ପୋଲିସକୁ ଖବର କରିଥିଲେ। ପୋଲିସ ଉପସ୍ଥିତିରେ ସେ ଘର ଭିତରକୁ ଯିବା ବେଳେ ଘର ଭିତରେ ଥିବା ଏକ ଖଟରେ ସୁରଜା ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରି ପଡ଼ିଥିଲେ। ଅନ୍ୟପଟେ ଖବର ପାଇ ମୃତ ସୁରଜାଙ୍କ ପୁଅ ରଶ୍ମିରଞ୍ଜନ ବେହେରା ଘରେ ପହଞ୍ଚିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି କବିସୂର୍ଯ୍ୟନଗରର ବୁଇରାଣୀ ଦେଶିବେହେରା ସାହିର ବଳିଆ ଓରଫ ବଳରାମ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ବୃଦ୍ଧଙ୍କ ଜୀବନ ଗଲା

ବେଲଗୁଣ୍ଠା,୧୯।୮(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗଡ଼ିଶାପଲ୍ଲୀ ଗ୍ରାମର ଧୋବା ବିଷୋୟୀ(୭୫)ଙ୍କର ଗ୍ରାମର ଦଳକ ପଡ଼ିଆରେ ଏକ ଚାଷ ଜମି ରହିଛି। ସେହି ଚାଷ ଜମି ଉପରେ ଏକ ବିଦ୍ୟୁତ ତାର ବିପଜ୍ଜନକ ଭାବେ ଓହଳି ରହିଥିଲା। ଧୋବାଙ୍କ ପରିବାର ପକ୍ଷରୁ ତାର ସଜାଡିବା ପାଇଁ ବାରମ୍ବାର ଅନୁରୋଧ କରାଯାଇଥିଲା। କିନ୍ତୁ ବିଦ୍ୟୁତ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ଶୁକ୍ରବାର ଅପରାହ୍ନରେ ଧୋବା ଚାଷ କାର୍ଯ୍ୟ ପାଇଁ ରଞ୍ଜା ଆଣୁଥିବା ବେଳେ ଓହଳିଥିବା ବିଦ୍ୟୁତ ତାରଟି ଟାଣି ହୋଇଯାଇଥିଲା। ଫଳରେ ଆଘାତ ପାଇ ଧୋବା ତଳେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଞ୍ଜନଗର ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାପାଙ୍କ ମୃତ୍ୟୁ ପାଇଁ ଝିଅ ରୀତାଞ୍ଜଳି ବିଦ୍ୟୁତ ବିଭାଗକୁ ସମ୍ପୂର୍ଣ୍ଣ ଦାୟୀ କରି ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଛନ୍ତି।

# ଦାଦନ ଖଟିବାକୁ ଯାଇ ହାତ ଗୋଡ଼ ହରାଇଲେ

ଗୁମ୍ମା,୧୯।୮ (ପ୍ରବୀନ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ଯେଫତ ନାଗ ଶୁକ୍ରବାର ଦାଦନ ଖଟିବା ପାଇଁ ହାଇଦ୍ରାବାଦ ଅଭିମୁଖେ ବାହାରିଥିଲେ। ସକାଳ ୭ଟାରେ ସିକନ୍ଦରାବାଦ ବି.ବି.ନଗର ଷ୍ଟେଶନରେ ଟ୍ରେନରୁ ଓହ୍ଲାଇବା ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପ୍ଲାଟଫର୍ମରେ ପଡ଼ିଯାଇ ଘୋଷାରି ହୋଇଯାଇଥିଲେ। ଫଳରେ ତାଙ୍କର ଡାହାଣ ହାତ ଏବଂ ଦୁଇ ଗୋଡ ସମ୍ପୂର୍ଣ୍ଣ କଟାଯାଇଛି।

ଜିଆରପି ପୁଲିସ ଯେଫତ ନାଗଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲରେରେ ଭର୍ତ୍ତି କରିଛି। ବର୍ତ୍ତମାନ ଯେଫତଙ୍କ ସ୍ୱାସ୍ଥ୍ୟ ଗୁରୁତର ଅଛି। ଯେଫତ ଘରର ଏକ ମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଥିଲେ। ଗ୍ରାମର ପ୍ରତ୍ୟେକ ପରିବାର କିଛି କିଛି ଅର୍ଥ ଆଦାୟ କରି ଯେଫତ ନାଗଙ୍କ ଚିକିତ୍ସା ପାଇଁ ପଠାଇଛନ୍ତି। ସରକାରୀ ସହାୟତା ଦାବି କରିଛନ୍ତି।

# ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ବ୍ରହ୍ମପୁର,୧୯।୮(ସ୍ମୃତି ରଞ୍ଜନ ମହାଲିକ)

ସିଲ୍କସିଟି ଫଟୋଗ୍ରାଫୀ ଆସୋସିଏସନ ଓ ଗଞ୍ଜାମ କ୍ୟାମେରା କ୍ଲବ ପକ୍ଷରୁ ଶନିବାର ଗୋକୁଳଧାମ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଫଟୋଗ୍ରାଫର ଆସୋସିଏସନର ଦୀପକ ପାତ୍ର ଓ ମାଧବ ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସନ୍ନାସୀ ମହାରଣା ଓ ସମ୍ମାନିତ ଅତିଥି ରୂପେ ବିଷ୍ଣୁ ବିଶ୍ୱାଳ, ସନ୍ତୋଷ ପାତ୍ର, ଡ଼ି ଏଲ ସତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମାଜର କିଛି ବର୍ଗ ଏହାକୁ ପେସା ଭାବରେ ଗ୍ରହଣ କରୁଥିବା ବେଳେ ଯୁବ ସମାଜ ପାଇଁ ଏକ ନିଶା ହୋଇଛି। ଏହି ସ୍ଥିର ଚିତ୍ର କଳାର କିଭଳି ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ସେ ନେଇ ଏକ ବିଶାଳ ଫଟୋଗ୍ରାଫି ପ୍ରଦର୍ଶନୀ ମାଧ୍ୟମରେ ନୂଆ ସମ୍ଭାବନା ସୃଷ୍ଟି କରିବା ପାଇଁ ମୁଖ୍ୟବକ୍ତା କହିଥଲେ। ଏହି ଅବସରରେ ଫଟୋଗ୍ରାଫର ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ରୂପେ ମନୋରଞ୍ଜନ ରଣା, ଉପସଭାପତି ଭାବରେ ମୁରଲୀ, ସମ୍ପାଦକ ଭାବରେ ରଞ୍ଜିତ ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଭାବେ ବିଶ୍ୱମ୍ଭର ବେହେରା ନିର୍ବାଚିତ ହୋଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

# ୫-ଟି ସଚିବଙ୍କ ଗସ୍ତ ସଫଳ ପାଇଁ ରୋଡ୍‌ମ୍ୟାପ୍

ବ୍ରହ୍ମପୁର,୧୯।୮(ନରସିଂହ ସାହୁ)

ଗଞ୍ଜାମ ଜିଲା ବିଜେଡିର ସ୍ୱତନ୍ତ୍ର ବୈଠକ ଶନିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଦଳୀୟ ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ଏମପି ମାନସ ମଙ୍ଗରାଜ ଯୋଗ ଦେଇଥିଲେ। ବ୍ରହ୍ମପୁର ଲୋକସଭା ଏମପି ଚନ୍ଦ୍ରଶେଖର ସାହୁ, ଆସିକା ଏମପି ପ୍ରମିଳା ବିଶୋଇ, ବିଧାୟକ ଶ୍ରୀକାନ୍ତ ସାହୁ, ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ବିକ୍ରମ କୁମାର ପଣ୍ଡା, ମନ୍ତ୍ରୀ ଉଷା ଦେବୀ ଓ ଅନ୍ୟମାନେ ଯୋଗ ଦେଇଥିଲେ।

ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଆସନ୍ତା ୨୪ ରୁ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ୪ ଦିନିଆ ଗଞ୍ଜାମ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ପୂର୍ଣ୍ଣ ସଫଳତା ପାଇଁ ବିସ୍ତୃତ ଆଲୋଚନା ଓ ରୋଡ ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ତାଙ୍କ ରେଶମ ସହର ବ୍ରହ୍ମପୁର ଗସ୍ତ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା।



ଜିଲା ବିଜେଡିର ସ୍ୱତନ୍ତ୍ର ବୈଠକରେ ନେତାମାନେ।

**ଗଞ୍ଜାମ ଜିଲା ବିଜେଡିର ସ୍ୱତନ୍ତ୍ର ବୈଠକ**

■ ଯୋଗଦେଲେ ପ୍ରଣବ ପ୍ରକାଶ, ମାନସ ମଙ୍ଗରାଜ

ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀକୁ ୫-ଟି ସଚିବ ଯିବେ। ତେଣୁ ଜିଲା ଓ ବ୍ଲକ ବିଜେଡି କର୍ମକର୍ତ୍ତା, ଛାମୁଆ ସଂଗଠନ ମହିଳା, ଯୁବ, ଛାତ୍ର ଓ ଶ୍ରମିକ ସାମ୍ମୁଖ୍ୟ ସଂଗଠନର ନେତା ଓ କର୍ମୀ ଏବେଠୁ ପ୍ରସ୍ତୁତ ହେବାକୁ ପରାମର୍ଶ ଦିଆଯାଇଥିଲା। ପାଣ୍ଡିଆନ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ଭେଟିବେ ଏବଂ ଅଞ୍ଚଳର ସମସ୍ୟା ନେଇ ଆଲୋଚନା କରିବେ। ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ନେଇ ପଦକ୍ଷେପ ମଧ୍ୟ ନେବେ। ତେଣୁ ଦଳର ନେତା ଓ କର୍ମୀମାନେ ଆଗୁଆ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିବାକୁ ସାଙ୍ଗଠନିକ ସମ୍ପାଦକ ପ୍ରଣବ ଦାସ ଓ ରାଜ୍ୟସଭା ଏମପି ମଙ୍ଗରାଜ ବୈଠକରେ ଗୁରୁତ୍ୱ ଦେଇଥିଲେ। ଶେଷରେ ଜିଲା ବିଜେଡି ସଭାପତି ଚ୍ୟାଉପଟ୍ଟନାୟକଙ୍କ ସୂଚନାନୁସାରେ ୫-ଟି ସଚିବଙ୍କ ଚୂଡ଼ାନ୍ତ ଗସ୍ତ ସୂଚି ୨୨ ତାରିଖରେ ପହଞ୍ଚିବ। ସେହି ପ୍ରକାରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ। ପୁଣି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଏବଂ ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ଆସିବେ ଓ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିବେ ବୋଲି ଚ୍ୟାଉପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ପାଣ୍ଡିଆନଙ୍କ ଗସ୍ତ ନିମନ୍ତେ ସରକାରୀ ସ୍ତରରେ ମଧ୍ୟ ତତ୍ପରତା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଛି।

